## ସଂକ୍ଷେପରେ

### ମନ୍ଦିର ସାମ୍ନାରୁ ବାଇକ ଚୋରି

ରାୟଗଡ଼ା,୧୬।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାର ଏକ ପ୍ରମୁଖ ଛକ ଜୀବନ ବୀମା ନିଗମ କାର୍ଯ୍ୟାଳୟ ନିକଟସ୍ଥ ମନ୍ଦିର ନିକଟରୁ ଗୁରୁବାର ସନ୍ଧ୍ୟାରେ ବାଇକ ଚୋରି ହୋଇଛି । କସ୍ତୁରୀନଗର ବାସିନ୍ଦା ଏମ୍.ସତ୍ୟନାରାୟଣ ବହୁ ଖୋଜାଖୋଜି କରି ବାଇକ୍ ନ ମିଳିବା ପରେ ଶୁକ୍ରବାର ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ସତ୍ୟନାରାୟଣ ଗୁରୁବାର ସନ୍ଧ୍ୟାରେ ନିଜ ବାଇକ (ଓଡ଼ି୧୮ସି୬୭୯୯)କୁ ମନ୍ଦିର ବାହାରେ ରଖି ଭିତରକୁ ଯାଇଥିଲେ । କିଛି ସମୟ ପରେ ଫେରି ଦେଖିଲା ବେଳକୁ ତାଙ୍କ ବାଇକ୍ ସେଠାରେ ନାହିଁ। ବହୁ ଖୋଜାଖୋଜି ପରେ ମଧ୍ୟ ବାଇକ ମିଳିଲା ନାହିଁ । ତେଣୁ ଏ ନେଇ ସେ ଟାଉନ ଥାନାରେ ଏତଲା ଦେଇଥିଲେ। ତେବେ ଏଲ୍ଆଇସି ଅଫିସ ଓ ମନ୍ଦିର ନିକଟରେ ପ୍ରତିଦିନ ବହୁତ ଭିଡ଼ ହୋଇଥାଏ । ହଜାର ହଜାର ଲୋକ ପ୍ରତିଦିନ ଏଲ୍ଆଇସି ଅଫିସକୁ ଆସିଥାନ୍ତି। ହେଲେ ସେହିଭଳି ଏକ ଜନଗହଳିପୂର୍ଣ୍ଣ ଓ ପ୍ରମୁଖ ଛକରେ ପ୍ରଶାସନ ପକ୍ଷରୁ ସିସି କ୍ୟାମେରା ବ୍ୟବସ୍ଥା କରାଯାଇନାହିଁ। ତେଣୁ ସେଠାରେ ସିସି କ୍ୟାମେରା ବ୍ୟବସ୍ଥା କରିବା ସହ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

### ଅବିନାଶ ଗମାଙ୍ଗ ରାଜ୍ୟ ଯୁବ କଂଗ୍ରେସ ପ୍ରବକ୍ତା ନିଯୁକ୍ତ



ଗୁଣପୁର,୧୬।୯ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଅଞ୍ଚଳର ଯୁବ କଂଗ୍ରେସ ନେତା ଅବିନାଶ ଗମାଙ୍ଗ ରାଜ୍ୟର ପ୍ରବକ୍ତା ଭାବେ ନିଯୁକ୍ତ ପାଇଛନ୍ତି। ଏ ନେଇ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ବି.ଭି.ଶ୍ରୀନିବାସ ପତ୍ର ମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଯୁବ କଂଗ୍ରେସ ରାଜ୍ୟ ପ୍ରବକ୍ତା ଭାବେ ଅବିନାଶ ନିଯୁକ୍ତ ହୋଇଥିବା ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ ସୂଚନା ଦେଇଛନ୍ତି। ଅବିନାଶ ଜଣେ ଯୁବ ସଂଗଠକ ରହିଥିବା ବେଳେ ବର୍ତ୍ତମାନ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳର ସଭାପତି ଅଛନ୍ତି। ଏଥିସହ ଏମ୍‌ବିଏ, ମେକାନିକାଲ ଇଞ୍ଜିନିୟର ପାଠପଢ଼ା ସାରିଥିବାବେଳେ ଏବେ ଆଇନ ଛାତ୍ର ଅଛନ୍ତି। ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ଅବିନାଶ ବିଧାୟକ ପାଇଁ ଆଶାୟୀ ପ୍ରାର୍ଥୀ ମଧ୍ୟ ଅଛନ୍ତି। ସେ ନୂତନ ନିଯୁକ୍ତି ପାଇବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି

### ଔଷଧ ଦୋକାନରୁ ଚୋରି

ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆଁ ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ନାରାୟଣ ହେଲଥ କେୟାରରେ ଲୁଟିଆ ଗ୍ୟାଙ୍ଗ ଶୁକ୍ରବାର ରାତିରେ କଳାକାନା ବୁଲାଇଛନ୍ତି। ଉକ୍ତ ଦୋକାନରୁ ନଗଦ ଟଙ୍କା ସହ କିଛି ଔଷଧ ଚୋରି ହୋଇଥିବା ନେଇକର୍ମଚାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି।

# ମିଳୁନି ସ୍ଲଟ୍, ଡାଏଲିସିସ୍ ପାଇଁ କିଡ୍‌ନୀ ରୋଗୀ ହଇରାଣ

ରାୟଗଡ଼ା,୧୬।୯ (ଭାଗ୍ୟଶ୍ରୀ ମିଶ୍ର )




- ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
- ମେଶିନ କମ୍, ରୋଗୀ ଅଧିକ
- ନାହାନ୍ତି କିଡ୍‌ନୀ ରୋଗ ବିଶେଷଜ୍ଞ

ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାର ବିଭିନ୍ନ ବ୍ଲକ୍‌ରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଲୋକେ ଡାଏଲିସିସ୍ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବାବେଳେ ଏଠାରେ ଉଚିତ ସ୍ୱାସ୍ଥ୍ୟସେବା ନ ପାଇ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ମେଡିକାଲରେ ରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବାବେଳେ ମେଶିନ୍ କମ୍ ଥିବାରୁ ଗୁରୁତର ରୋଗୀଙ୍କୁ ଡାଏଲିସିସ୍ ପାଇଁ ୫ରୁ ୬ଦିନ ଲେଖାଏଁ ଅପେକ୍ଷା କରିବାକୁ ପଡୁଛି। ଫଳରେ ଅନେକ ଗୁରୁତର ରୋଗୀ ବାଧ୍ୟ ହୋଇ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ଭୁବନେଶ୍ୱର, କଟକ ଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ଅଭିଯୋଗ ହେଉଛି।

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଡାଏଲିସିସ୍ ସେବା ଯୋଗାଇଦେବାକୁ ୨ ଜୁଲାଇ ୨୦୧୮ରେ ଡାଏଲିସିସ୍ ସେଣ୍ଟର ଆରମ୍ଭ କରାଯାଇଛି । ରାହି କେୟାର ନାମକ ଏକ ବେସରକାରୀ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଉକ୍ତ ସେଣ୍ଟରରେ ଆବଶ୍ୟକ ଅନୁଯାୟୀ ମେଶିନ ନ ଥିବାରୁ ୩ଟି ଶିଫ୍ଟରେ ଦୈନିକ ପ୍ରାୟ ୧୫ ଜଣ ରୋଗୀଙ୍କ ଡାଏଲିସିସ୍ କରାଯାଉଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଡାଏଲିସିସ୍ କରାଯାଉଥିବାରୁ ଜିଲାର ବିଭିନ୍ନ ବ୍ଲକ୍‌ରୁ ରୋଗୀ ଏଠାକୁ ଆସିଥାନ୍ତି। ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କୁ ସ୍ଲଟ୍ ପାଇଁ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ପ୍ରତିଦିନ ୧୫ ରୋଗୀଙ୍କ ଡାଏଲିସିସ୍ କରାଯାଉଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଗୁରୁତର ରୋଗୀଙ୍କୁ ସ୍ଲଟ୍ ନାହିଁ ବୋଲି କହି ଫେରାଇ ଦିଆଯାଉଥିବାରୁ ସେମାନେ ମୃତ୍ୟୁମୁଖରେ ପଡୁଥିବା ମଧ୍ୟ ଅଭିଯୋଗ ହେଉଛି। ସେଣ୍ଟରରେ ଡାଏଲିସିସ୍ ମେଶିନ କମ୍ ଥିବାବେଳେ ରୋଗୀ ଅଧିକ ହେଉଥିବାରୁ ସେବା ଯୋଗାଇପାରୁ ନ ଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ସେହିପରି ଜଣେ ରୋଗୀଙ୍କୁ ଡାକ୍ତର ବାରମ୍ବାର ଡାଏଲିସିସ୍ ପାଇଁ ମଧ୍ୟ କହିଥାନ୍ତି। ଏଭଳି ପରିସ୍ଥିତିରେ ନୂତନ ରୋଗୀଙ୍କୁ ସ୍ଲଟ୍ ଦେବୁ ନା ପୁରୁଣା ରୋଗୀଙ୍କୁ ବାରମ୍ବାର ଡାଏଲିସିସ୍ କରିବେ ତାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏଭଳି ସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକତା ପଡୁଥିବା ଆଉ ୩ଟି ଡାଏଲିସିସ୍ ମେଶିନ ତୁରନ୍ତ ଯୋଗାଇଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ ୧୦୪ ରୋଗୀ ଡାଏଲିସିସ୍ ସେବା ପାଇଛନ୍ତି । ୧୪ ରୁ ୭୨ ବୟସ ପର୍ଯ୍ୟନ୍ତ କିଡ୍‌ନୀ ରୋଗୀ ହେମୋ ଡାଏଲିସିସ୍ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତ । ବର୍ତ୍ତମାନ ହେମୋ ଡାଏଲିସିସ୍ ସେଣ୍ଟରରେ ୬ଟି (୧ ପଜିଟିଭ ୫ଟା ନେଗେଟିଭ) ମେଶିନ ରହିଥିବା ଜଣାପଡିଛି । ରାୟଗଡା କସ୍ତୁରୀନଗର ନିବାସୀ କେ.କେ. ଜେନା ମଧୁମେହ ରୋଗରେ ପୀଡ଼ିତ ହୋଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଡାକ୍ତର ତାଙ୍କୁ ନିୟମିତ ବ୍ୟବଧାନରେ ଡାଏଲିସିସ୍ ପାଇଁ କହିଥିବାବେଳେ କେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ଲଟ୍ ମିଳୁଛି ପୁଣି କେବେ ମିଳୁନାହିଁ। ଏଠାରେ ମାଗଣା ସୁବିଧା ପାଇଁ ଅନେକ ଦିନ ଅପେକ୍ଷ ପରେ ସ୍ଲଟ୍ ନ ମିଳିବାରୁ ବାଧ୍ୟ ହୋଇ ଧାରକରଜ କରି ଭୁବନେଶ୍ୱର ଯାଇ ଡାଏଲିସିସ୍ କରୁଛନ୍ତି ବୋଲି ସେ କହିଛନ୍ତି। ଭୁବନେଶ୍ୱର ଯାଇ ଥରେ ଡାଏଲିସିସ୍ କରିବାକୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଡାକ୍ତରଖାନାରେ ସ୍ଥାୟୀ କିଡ୍‌ନୀ ବିଶେଷଜ୍ଞ ନ ଥିବାରୁ ଚୁକ୍ତି ଭିତ୍ତିରେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ନେଇ ଚାଲିଛି ବିଭାଗ। ଅନେକ ସମୟରେ ମେଡିକାଲରେ ଡାକ୍ତର ଉପସ୍ଥିତ ରହୁନାହାନ୍ତି। ଫଳରେ ରେଗୁଲାର ଚେକ୍‌ଅପ୍ ମଧ୍ୟ ହୋଇପାରୁ ନ ଥିବା କିଡ୍‌ନୀ ରୋଗୀ ଅଭିଯୋଗ କରିଛନ୍ତି। ସେପଟେ ଏକ ବେସରକାରୀ ସଂସ୍ଥା ରାହି କେୟାରକୁ ଦାୟିତ୍ୱ ଦେଇ ଚୁପ୍ ବସିଛି ସ୍ୱାସ୍ଥ୍ୟ ବିଭାଗ। ଏ ନେଇ ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ସେଣ୍ଟରରେ ଅଧିକ ମେଶିନ କିପରି ଲାଗିବ ସେ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ । ମେଶିନ ଲାଗିଲେ ସମସ୍ୟା ରହିବ ନାହିଁ, ରୋଗୀଙ୍କୁ ଉଚିତ ସେବା ମିଳିପାରିବ ବୋଲି ସେ କହିଛନ୍ତି ।

# ୪୦ ଫୁଟ ଉଚ୍ଚ ଗଣେଶ ମୂର୍ତ୍ତି ମୁଖ୍ୟ ଆକର୍ଷଣ

ରାୟଗଡ଼ା,୧୬।୯ (ଆଶିଷ ରଞ୍ଜନ ପଣ୍ଡା)

## ଗଣେଶପୂଜା ପାଇଁ ରାୟଗଡ଼ା ସହର ଉତ୍ସବମୁଖର


ରୟତ କଲୋନିଠାରେ ଗଜାନନଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି କାରିଗର।

ରାୟଗଡ଼ା ସହରରେ ଚଳିତ ବର୍ଷ ଆଡ଼ମ୍ବର ସହକାରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ସହରର ରୟତ କଲୋନିଠାରେ ପୂର୍ବରୁ ପୃଥକ୍ ପୃଥକ୍ ଭାବେ ବିଭିନ୍ନ ସ୍ଥାନରେ ଗଣେଶପୂଜା ହେଉଥିବା ବେଳେ ଚଳିତ ବର୍ଷ ଗୋଟିଏ ସ୍ଥାନରେ ଏକ ବଡ଼ ଆକାରରେ ଗଣେଶ ପୂଜା ପାଳନ ହେଉଛି । ମହାଗଣପତି ପୂଜା କମିଟି ପକ୍ଷରୁ ୪୦ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ନିର୍ମାଣ ଚାଲିଛି । ଏଥିସହିତ ପୂଜା ପାଇଁ ୧୨୧ କେଜି ଓଜନର ଲଡୁ ମଧ୍ୟ ତିଆରି ହୋଇଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି । ରୟତ କଲୋନିର ପ୍ରାୟ ୧୪ଟି ସାହିରେ ବାସ କରୁଥିବା ୫ ହଜାର ଜନସାଧାରଣ ଏହି ପୂଜାକୁ ସଫଳ କରିବା ନିମନ୍ତେ ସ୍ୱଇଚ୍ଛାରେ ସହଯୋଗ କରିଛନ୍ତି। ମୂର୍ତ୍ତି ନିର୍ମାଣ ପାଇଁ ଆନ୍ଧ୍ରପ୍ରଦେଶ ରାଜ୍ୟର ବୋବିଲିରୁ ମୂର୍ତ୍ତି କାରିଗର ଆସି ପ୍ରାୟ ମାସେ ହେଲାଣି ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି । ଏହି ମୂର୍ତ୍ତି ନିର୍ମାଣ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା କମିଟି ସୂଚନା ଦେଇଛି । ମହାଗଣପତି ପୂଜା କମିଟିରେ ରାମୁ ତୁବାଟି, ଅରବିନ୍ଦ, ପବନ, କରୁଣା, ମୁନା, କାଳିଆ ଓ ଭାର୍ଗବ ପ୍ରମୁଖଙ୍କ ସମେତ ଅଞ୍ଚଳର ଯୁବକମାନେ ପୂଜାକୁ ସଫଳ କରିବା ପାଇଁ ଲାଗି ପଡ଼ିଛନ୍ତି।

# କ୍ରୀଡ଼ା ମାଧ୍ୟମରେ କିଶୋରୀ ସଶକ୍ତୀକରଣ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ରାୟଗଡ଼ା, ୧୬।୯ (ଭାଗ୍ୟଶ୍ରୀ ମିଶ୍ର )

## ବିଭିନ୍ନ ବ୍ଲକ୍‌ରୁ ୩୨୫ ବାଳିକା ଅଂଶ ଗ୍ରହଣ କଲେ

ରାୟଗଡ଼ା ଜିଲା ପ୍ରଶାସନ, ୟୁନିସେଫ୍ ଓ ଆକ୍ସନ ଏଡ୍‌ର ମିଳିତ ଆନୁକୂଲ୍ୟରେ କ୍ରୀଡ଼ା ମାଧ୍ୟମରେ କିଶୋରୀମାନଙ୍କୁ ସଶକ୍ତ କରିବା ନିମନ୍ତେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଏକ ଅଣ ପାରମ୍ପରିକ କ୍ରୀଡ଼ାର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ ଏହି କ୍ରୀଡ଼ା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିବାର, ସମାଜ ତଥା ବିଭିନ୍ନ ସ୍ତରରେ କିଶୋରୀମାନଙ୍କ ପ୍ରତି ଥିବା ବିଷମତାକୁ ସମାନତାରେ ପରିଣତ କରିବା ପାଇଁ ଖେଳ ଏକ ଉତ୍ତମ ମାଧ୍ୟମ ବୋଲି ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ରଇତ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବରେ ମହିଳା ସୁରକ୍ଷା ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ ଯୋଗଦେଇ କହିଥିଲେ , ଖେଳ ମାଧ୍ୟମରେ ଶିଶୁ ସୁରକ୍ଷା, ଶିଶୁ ଶ୍ରମିକ ଉଚ୍ଛେଦ, ବାଲ୍ୟବିବାହ ନିରାକରଣ ଓ କିଶୋରୀ ସଶକ୍ତୀକରଣର ବାର୍ତ୍ତା ନେଇ ଏହି ଅଣ ପାରମ୍ପରିକ କ୍ରୀଡ଼ା ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି । ପୁଅମାନଙ୍କ ସମତୁଲ ବିଜୟୀ କିଶୋରୀମାନେ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶିତ କରିବା ସହ ଲିଙ୍ଗୀୟ ସମାନତାର ବାର୍ତ୍ତା ଏହା ମାଧ୍ୟମରେ ଜନସମାଜକୁ ଦେଉଛନ୍ତି । ଜିଲା କ୍ରୀଡ଼ା ଅଧିକାରୀ ସେଖ ଅଲିନୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳକମାନଙ୍କଠାରୁ ବାଳିକାମାନେ କୌଣସି ଗୁଣରେ ପଛରେ ନ ଥିବା କହିଥିଲେ । ଆଜି ମହିଳାମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିଛନ୍ତି । ଏହିଭଳି ଖେଳ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଭାରପ୍ରାପ୍ତ ଶିଶୁ ସୁରକ୍ଷା ଅଧିକାରୀ ପ୍ରତାପ କୁମାର ଦାଶ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୀନାକ୍ଷୀ ଦାଶ, ଶାରୀରିକ ଶିକ୍ଷା ପରିଦର୍ଶକ ହରିହର ପାତ୍ର, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଆକ୍ସନ ଏଡ୍‌ର ବାଲ୍ୟବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁଙ୍କ ସମେତ ଜିଲାର ୧୨ଟି ବିଦ୍ୟାଳୟର ଶାରୀରିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

### ବିଜ୍ଞାନମେଳାରେ ୪୫ ପ୍ରକଳ୍ପ ପ୍ରଦର୍ଶନ

ମୁନିଗୁଡ଼ା,୧୬।୯ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ୍ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ମାତୃପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ ପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାକେନ୍ଦ୍ରର ସଭାପତି କେଶବ ଚନ୍ଦ୍ର ସାହୁକାର ଓ ବିଚାରକ ଭାବେ ସ୍ଥାନୀୟ ରାଇଜିଂ କଲେଜର ଅଧ୍ୟାପିକା ଲିପ୍ସା ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମୁଦାୟ ୪୫ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ସେଥିରୁ ଶ୍ରେଷ୍ଠ ୮ଟି ପ୍ରକଳ୍ପକୁ ଚୟନ କରାଯାଇଥିଲା। ଶୁଭମିତା ସେଠୀ ପ୍ରଥମ, ଜ୍ଞାନ ଲିପି ସ୍ୱାଇଁ ଦ୍ୱିତୀୟ,ପ୍ରତ୍ୟୁଷା ମହାପାତ୍ର ତୃତୀୟ, କପିଳେଶ୍ୱର ସାରକା ଚତୁର୍ଥ,ସୁଲଗ୍ନା ସାବତ ପଞ୍ଚମ ସ୍ଥାନ ଅଧିକାର କରିଥିବାବେଳେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ତ୍ରୀଙ୍କ ମୃତ୍ୟୁ ପରେ ସତ୍କାର ପାଇଁ ଟଣାଓଟରା

ନବରଙ୍ଗପୁର,୧୬।୯(ସଦାଶିବ ପ୍ରହରାଜ)

## ସ୍ୱାମୀଙ୍କୁ ଦିଆଗଲା ମୃତଦେହ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସଗାରମୁଣ୍ଡା ଗାଁର ବାବୁଲା ବାଘ ତେନ୍ତୁଳିଖୁଣ୍ଟିର ଗୀତା ବାଘ ଓରଫ ଗରଡ଼ାଙ୍କୁ ବିବାହ କରିଥିଲେ। ଗୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ କହି ନବରଙ୍ଗପୁର ଜିଲା ସଦର ମହକୁମା ଚିକିତ୍ସାଳୟକୁ ଶୁକ୍ରବାର ସନ୍ଧ୍ୟାରେ ବାବୁଲା ଆଣିଥିଲେ। ସେ ଏ ବିଷୟରେ ଗୀତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଜଣାଇଥିଲେ। ଗୀତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ମାଉସୀ ପ୍ରଭୁଦାନୀ ନାଗ ଓ ଅନ୍ୟମାନେ ମେଡିକାଲକୁ ଆସିଥିଲେ। ସେତେବେଳକୁ ଗୀତାଙ୍କର ମୃତ୍ୟୁ ହୋଇସାରିଥିଲା। ବାବୁଲା ଗୀତାଙ୍କୁ ମାରି ଦେଇଥିବା ଅଭିଯୋଗ କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ଗୀତାଙ୍କ ମା'ଘର ପରିବାର ଓ ସମ୍ପର୍କୀୟ ମୃତଦେହ ଆମକୁ ଦିଅ ବୋଲି ଜିଦ୍ ଧରିଥିଲେ। ଅନ୍ୟପକ୍ଷରେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ମୃତଦେହ ଆମେ ନେଇ ସତ୍କାର କରିବୁ ବୋଲି କହିଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଦଙ୍ଗରଭେଜା ଫାଣ୍ଡି ଅଧିକାରୀ ଏସ୍.କେ. ବେହେରା ପହଞ୍ଚି ଦୁଇପକ୍ଷକୁ ବୁଝାଶୁଝା କରିଥିଲେ। ସ୍ୱାମୀଙ୍କ ଘର ଲୋକଙ୍କୁ ମୃତଦେହ ସତ୍କାର ପାଇଁ ଦିଆଯାଇଥିଲା। ତେବେ ଗୀତାଙ୍କ ବାପା ଜୀଉଦା ଗରଡ଼ା ଥାନାରେ ଲିଖିତ ଭାବେ ଜଣାଇଛନ୍ତି, ଝିଅର ମୃତ୍ୟୁ ଘଟିଛି, କେମିତି ମୃତ୍ୟୁ ଘଟିଲା ତା'ର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଛନ୍ତି। ଏନେଇ ପୋଲିସ ଅପମୃତ୍ୟୁ ମାମଲା ନଂ.୨୨/୨୩ ରୁଜୁ କରି ଘଟଣାର ତଦନ୍ତ କରୁଛି। ଏନେଇ ନବରଙ୍ଗପୁର ଥାନା ଅଧିକାରୀ ସମ୍ପିତ କୁମାର ବେହେରା ମୃତଦେହ ବ୍ୟବଚ୍ଛେଦ ପରେ ମେଡିକାଲ ରିପୋର୍ଟ ଆସିଲେ ପରେ କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଜଣା ପଡିବ ବୋଲି କହିଛନ୍ତି ।

# ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିବ ଟ୍ରମା କେୟାର ସେଣ୍ଟର

ପଦ୍ମପୁର, ୧୬।୯(ପ୍ରଶାନ୍ତ କୁମାର କର)




ରାଜ୍ୟ ସରକାର ରାୟଗଡ଼ା ଜିଲା ପଦ୍ମପୁର ଲୋକଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ଆପତ୍‌କାଳୀନ ସ୍ୱାସ୍ଥ୍ୟସେବା ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୮୯ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେଥିମଧ୍ୟରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଫଳରେ ଏହି ସେଣ୍ଟରରେ ଅସ୍ଥିଶଲ୍ୟ ଚିକିତ୍ସା ଡାକ୍ତର, ଆନାସ୍ଥେସିଆ ଡାକ୍ତର, ସ୍ନାୟୁରୋଗ ବିଭାଗ ଡାକ୍ତର ପଦବୀ ପୂରଣ ହେବା ସହ ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ମଧ୍ୟ ରହିବ। ତେବେ ଏହି ଅଞ୍ଚଳରେ ଉକ୍ତ ସେବା ଆରମ୍ଭ ହେଲେ ସମଗ୍ର ଜିଲାର ହଜାର ହଜାର ଲୋକ ଉପକୃତ ହେବେ। ଏଠାରେ ୨୪ଘଣ୍ଟିଆ ଆପତ୍‌କାଳୀନ ସ୍ୱାସ୍ଥ୍ୟସେବା ଆରମ୍ଭ ହେଲେ ଲୋକେ ଆଉ ଆଗଭଳି ବ୍ରହ୍ମପୁର ମେଡିକାଲ କିମ୍ବା ଆନ୍ଧ୍ରପ୍ରଦେଶ ଯିବାକୁ ପଡ଼ିବନାହିଁ। ଲୋକେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ପ୍ରକାଶ ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ନାଟକ ମାଧ୍ୟମରେ ଶିକ୍ଷକଙ୍କ ଅଭିନବ ଆନ୍ଦୋଳନ

ବିଷମକଟକ,୧୬।୯(ବିଭୂତି ଭୂଷଣ ନାୟକ)

ବିଭିନ୍ନ ଦାବି ନେଇ ସାରା ରାଜ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନ ଜାରି ରଖିଛନ୍ତି। ହେଲେ ଶନିବାର ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଇଓ ଅଫିସ ସମ୍ମୁଖରେ ନାଟକ ମାଧ୍ୟମରେ ସରକାର ନିକଟରେ ଦାବି ଉପସ୍ଥାପନ କରିବା ସହ ସମାଲୋଚନା କରିଛନ୍ତି । ଶିକ୍ଷୟିତ୍ରୀ ଶିକ୍ଷକମାନେ ନାଟକୀୟ ଢଙ୍ଗରେ ଶିକ୍ଷକ ଜୀବନ ଏକ ଅଭିଶପ୍ତ ଜୀବନ, ଶିକ୍ଷକ ଜୀବନରେ ସୀମିତ ଦରମାରେ ପରିବାର କେଉଁ ଭଳି ଭାବେ ତାର ପରିବାର ପ୍ରତିପୋଷଣ କରୁଛି ଓ ଜଣେ ଶିକ୍ଷକ କର୍ମମୟ ଜୀବନ ଆରମ୍ଭରୁ କିପରି ଜୀବନ ଅତିବାହିତ ହୁଏ ଏହି ସବୁ ବିଷୟ ସାଧାରଣ ଲୋକଙ୍କୁ ବୁଝାଇଥିଲେ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୩ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆନ୍ଦୋଳନରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଶୁଝା କରି ବିଦ୍ୟାଳୟକୁ ଫେରାଇବା ସହ ଶିକ୍ଷାଦାନ ଆରମ୍ଭ ପାଇଁ ସମସ୍ତ ଡିଇଓ ଏବଂ ବିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ସଂଘ ନିଜ ଜିଦରେ ଅଟଳ ରହିଛି। ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପିଲାଙ୍କ ପାଠପଢ଼ା ଉପରେ ସିଧା ପ୍ରଭାବ ପକାଉଛି।


ଶିକ୍ଷୟିତ୍ରୀ ଶିକ୍ଷକମାନେ ନାଟକ ମାଧ୍ୟମରେ ସମସ୍ୟା ସମ୍ପର୍କରେ ସୂଚନା ଦେଉଛନ୍ତି।

## ଶିକ୍ଷକ ଆନ୍ଦୋଳନ ଯୋଗୁ ଜିଲାରେ ଏମ୍‌ଡିଏମ୍ ବାଧାପ୍ରାପ୍ତ

# ୧୮୨୮ ସ୍କୁଲରୁ ୩୭୯ରେ ଦିଆଯାଉଛି ମଧ୍ୟାହ୍ନଭୋଜନ

ରାୟଗଡ଼ା,୧୬।୯ (ଆଶିଷ ରଞ୍ଜନ ପଣ୍ଡା)

୩ ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି ସାରା ରାଜ୍ୟର ଶିକ୍ଷୟିତ୍ରୀ ଶିକ୍ଷକମାନେ । ଫଳରେ ସ୍କୁଲଗୁଡ଼ିକରେ ମଧ୍ୟାହ୍ନଭୋଜନ ପ୍ରଦାନରେ ବ୍ୟାଘାତ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ ଜିଲାରେ ଥିବା ୧୮୨୮ ସ୍କୁଲ ମଧ୍ୟରୁ ଶନିବାର ମାତ୍ର ୩୭୯ ସ୍କୁଲରେ ଏମ୍‌ଡିଏମ୍ ପ୍ରଦାନ କରାଯାଇଛି । ସେହିଭଳି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପତ୍ର ସଂଖ୍ୟା ୮୧୪୦ ଅନୁଯାୟୀ ପ୍ରତି ମାସରେ ଶନିବାର ହେବାକୁ ଥିବା କ୍ଲଷ୍ଟରସ୍ତରୀୟ ବୈଠକ ମଧ୍ୟ ଫସରଫାଟିଛି । ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପିଲାଙ୍କ ପାଠପଢ଼ା ଏକ ପ୍ରକାର ବାଧାପ୍ରାପ୍ତ ହୋଇପଡ଼ିଛି। ଅପରପକ୍ଷେ ଶିକ୍ଷାବର୍ଷର ନିର୍ଦ୍ଦିଷ୍ଟ ସମୟରେ ପରୀକ୍ଷା ହେଲେ ପିଲାମାନେ କିଭଳି ବିନା ଶିକ୍ଷାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ କେତେଜଣ ଅଭିଭାବକ କହିଛନ୍ତି, ରାଜ୍ୟ ସରକାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବି ପୂରଣ ନ କରିବା ଯୋଗୁ ସେମାନେ ଆନ୍ଦୋଳନରେ ବସିଛନ୍ତି । ହେଲେ ଏହି ଆନ୍ଦୋଳନ ଯୋଗୁ ଆମ ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି । ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ କଲେ ବିଦ୍ୟାଳୟଗୁଡ଼ିକ ପୁନଃ ଚାଲୁ ହୋଇ ଶିକ୍ଷାଦାନ ଆଗକୁ ବଢ଼ିପାରିବ । ନଚେତ ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାବି ପୂରଣ ପାଇଁ ଅଭିଭାବକମାନେ ମଧ୍ୟ ସମର୍ଥନ କରିବେ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ରାୟଗଡ଼ା ବିଇଓ ସୁଦୀପ୍ତ ଦାସଙ୍କ ସୂଚନା ଅନୁଯାୟୀ, ରାୟଗଡ଼ା ବ୍ଲକ୍ ୭୦ ପ୍ରତିଶତ ବିଦ୍ୟାଳୟ ଖୋଲା ରହିଥିବା ଜଣାପଡ଼ିଛି।


ଆନ୍ଦୋଳନରେ ସାମିଲ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

### କ୍ଲଷ୍ଟରସ୍ତରୀୟ ବୈଠକ ଠପ୍

ରାୟଗଡା, (ଭାଗ୍ୟଶ୍ରୀ ମିଶ୍ର )

ବିଭିନ୍ନ ଦାବି ନେଇ ଜିଲାର ଶିକ୍ଷୟିତ୍ରୀଶିକ୍ଷକମାନେ ସମସ୍ତ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଶନିବାର ଅନୁଷ୍ଠିତ ହେବାକୁ ଥିବା କ୍ଲଷ୍ଟରସ୍ତରୀୟ ବୈଠକ ହେବ ନାହିଁ ବୋଲି ଜଣାପଡିଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ୧୪ ଜୁଲାଇ ୨୦୨୩ର ପତ୍ର ସଂଖ୍ୟା ୮୧୪୦ ଅନୁଯାୟୀ ପ୍ରତିମାସର ତୃତୀୟ ଶନିବାର କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଫଳରେ ସାରା ରାଜ୍ୟରେ ଗୋଟିଏ ଦିନରେ ଗୋଟିଏ ତାରିଖରେ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ନେଇ ସିଆର୍‌ସିସିମାନେ ମାସିକ ବୈଠକ କରୁଥିଲେ। ତେବେ ବର୍ତ୍ତମାନ ଜିଲାର ସମସ୍ତ ସିଆର୍‌ସିସ ଓ ଶିକ୍ଷକମାନେ ଆନ୍ଦୋଳନରେ ଯୋଗଦେଇ ୩ ଦଫା ଦାବି ପୂରଣ ପାଇଁ ନିଜ ନିଜ ବ୍ଲକରେ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଫଳରେ ସେପ୍ଟେମ୍ବର ୧୬ ତାରିଖରେ ହେବାକୁ ଥିବା ଶିକ୍ଷାବିଭାଗର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ପାରିନାହିଁ। ଯାହା ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରାଜ୍ୟ ଶୈକ୍ଷିକ ଆକଳନ ସର୍ଭେ,ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଏବଂ ଶିକ୍ଷଣ ପେଟିକାର ବ୍ୟବହାର ପରି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଗୁଡ଼ିକ ସଫଳ ହୋଇପାରିନାହିଁ। ଯାହା ପରବର୍ତ୍ତୀ ସମୟରେ ଶିକ୍ଷାବିଭାଗର ବିଭିନ୍ନ ଯୋଜନାକୁ ପ୍ରଭାବିତ କରିବା ସହ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩

## ଅଗ୍ନିଶମ ବିଭାଗର ମକ୍ ଡ୍ରିଲ

ନବରଙ୍ଗପୁର,(ସଦାଶିବ ପ୍ରହରାଜ)- ନବରଙ୍ଗପୁର ପ୍ୟାରେଣ୍ଟ୍ସ ପ୍ରାଇଡ୍ ଇଂରାଜୀ ବିଦ୍ୟାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ନେଇ ମକ ଡ୍ରିଲ କରାଯାଇ ସଚେତନ କରାଯାଇଛି। ଜରୁରୀ କାଳୀନ ସମୟରେ ଛାତ୍ରୀଛାତ୍ରମାନେ କିଭଳି ନିଜକୁ ସୁରକ୍ଷିତ ରଖିବେ ଓ ଅନ୍ୟର ସୁରକ୍ଷା କରିପାରିବେ ସେନେଇ ବିଭିନ୍ନ କୌଶଳ ମକ୍ ଡ୍ରିଲ ମାଧମରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା, ଘରେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ ତାହାକୁ ଭୟ ନ କରି ଲିଭାଇବା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ କର୍ମଚାରୀ ଅଧିକାରୀ ଓ ବିଦ୍ୟାଳୟର ପ୍ରିନ୍ସିପାଲ ଏ .ଅରୁଣା ଓ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ ।



**ସଂକ୍ଷେପରେ**

## ମହିଳା ପେଞ୍ଚକ ସିଲଟ ଲିଗ୍ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୧୬।୯(ସଦାଶିବ ପ୍ରହରାଜ)

ଅସ୍ମିତା ଖେଲ ଇଣ୍ଡିଆ ମହିଳା ପେଞ୍ଚକ ସିଲଟ ଲିଗରେ ଅଂଶ ଗ୍ରହଣ କରି ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇ ଜିଲା ପାଇଁ ଗୌରବ ଆଣିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଆଇନଜୀବୀ ରାମ ପ୍ରସାଦ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ବିନାୟକ ଖାଡଙ୍ଗା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଓ ସୌମ୍ୟ ଅଭିଷେକ ହୋତା ଯୋଗଦେଇ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପେଞ୍ଚକ ସିଲଟ ସଂଘର ସମ୍ପାଦକ ହରିଶ ଚନ୍ଦ୍ର ବେହେରା, ଉପସଭାପତି ନରସିଂହ ବେହେରା ଓ କୋଷାଧକ୍ଷ ତ୍ରିପତି ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ତଥା ଜିଲା କ୍ରୀଡ଼ା ସଂଘର ସହ ସମ୍ପାଦକ ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଅନ୍ୟତମ ଉପଦେଷ୍ଟା ଜଗନ୍ନାଥ ବେହେରା ବିବରଣୀ ପାଠ କରିଥିଲେ । ଛାତ୍ରୀମାନେ ଉପସ୍ଥିତ ଅତିଥିଙ୍କ ସମ୍ମୁଖରେ ପେଞ୍ଚକ ସିଲଟ କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। ଝାରସୁଗୁଡ଼ା ଓ ବାଲୁଗାଁଠାରେ ଅନୁଷ୍ଠିତ ପେଞ୍ଚକ ସିଲଟ ପ୍ରତିଯୋଗିତାରେ ପାଇଥିବା ୨୨ ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୧୮ ଟି କାଁସ୍ୟ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଥିଲା।

## କଂଗ୍ରେସର ନେତୃତ୍ୱ ବିକାଶ ମିଶନ ବୈଠକ

ଉମରକୋଟ, ୧୬।୯ (ସନ୍ତୋଷ ଶତପଥୀ)

ଆଗାମୀ ବିଧାନ ସଭାରେ ଉମରକୋଟ ଓ ଝରିଗାଁ କଂଗ୍ରେସ ଦଳର ବିଧାୟକ ପାର୍ଥୀ ଯେପରି ବିଜୟୀ ହେବେ ସେଥିନେଇ ଉମରକୋଟ ଓ ଝରିଗାଁ ବିଧାନସଭାର ପ୍ରଥମ ନେତୃତ୍ୱ ବିକାଶ ମିଶନ ବୈଠକ ଉମରକୋଟ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ନବରଙ୍ଗପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ନେତୃତ୍ୱ ବିକାଶ ମିଶନର ସଂଯୋଜକ ଭୁଜବଳ ମାଝି ବୈଠକରେ ଯୋଗଦେଇଥିଲେ। କର୍ମୀମାନେ କଂଗ୍ରେସ ଦଳର ଆଭିମୁଖ୍ୟ, ବିଜେଡ଼ି ଓ ଭାଜପାର ବିଫଳତା ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇବେ ସେଥିନେଇ ବୈଠକରେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ବୈଠକରେ ଉମରକୋଟ ଓ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଉମରକୋଟ ଓ ଝରିଗାଁ ନେତୃତ୍ୱ ବିକାଶ ମିଶନର ସଂଯୋଜକ ଶଙ୍କର ଦେ ଏବଂ ଖେମରାଜ ବାଘ ନିଜ ନିଜ ରଣନୀତି ବୈଠକରେ ଉପସ୍ଥାପନ କରିଥିଲେ। ବୈଠକରେ ସନରାଜ ଗଣ୍ଡ,ତମ୍ମୁ ଦାସ ପାନକା, ଗୁଲୁ ସାହୁ, ଇସା ଲାଠିଆ, ଖେମରାଜ ବାଘ, ସୁରେନ୍ଦ୍ର ନାୟକ, ଅଜୟ ଚୌହାନ, ବରିଷ୍ଠ ଆଇନଜୀବୀ ଶଙ୍କର ଦେ, ପର୍ଶୁ ନାୟକ, ଅମୂଲ୍ୟ ପଟନାୟକ, ଏସ ବିଜୟ,କୃଷ୍ଣ ମାଝୀ, ମହିଳା ସଭା ନେତ୍ରୀ ପଙ୍କଜିନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କାଦୁଅ ରାସ୍ତାରେ ଧାନ ରୋଇ ଗ୍ରାମବାସୀଙ୍କ ପ୍ରତିବାଦ

ଚନ୍ଦାହାଣ୍ଡି ୧୬।୯(ଦିଲୀପ ଦାସ )



ଗାଁରେ ପକ୍କାରାସ୍ତା ନ ଥିବାରୁ କାଦୁଅ ରାସ୍ତାରେ ଧାନ ରୋଇ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

ଦେଶ ସ୍ୱାଧୀନତାର ୭୬ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ଗାଁରେ ପକ୍କା ରାସ୍ତା ନ ଥିବାରୁ କାଦୁଅରେ ପଶି ଲୋକେ ପ୍ରତିଦିନ ଯିବାଆସିବା କରୁଛନ୍ତି। ଅନେକ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ ରୋଗୀ ନେବା ସମୟରେ ଫସି ରହିଥିବା ନଜିର ରହିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ହଳଦୀଗାଁଠାରେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କଠୁ ଆରମ୍ଭକରି ବିଧାୟକ ପ୍ରକାଶ ମାଝି, ଏମ୍ପି ରମେଶ ଚନ୍ଦ୍ର ମାଝି , ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ଦାବି କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଶନିବାର ଗ୍ରାମବାସୀ କାଦୁଅ ରାସ୍ତାରେ ଧାନ ରୋଇ ପ୍ରତିବାଦ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ଯୁବନେତା ଭୋଦେବ ବାଗ, ବଲେକ ହାତୀ,ଯୁଗରଥ ବିଶି,ଭରତ ଅଣ୍ଟି, ହେମଲତା ବାଗ,ପ୍ୟାରୀ ବାଗ,ଛବି ଗଇଁତା,ଦମ୍ବୁ ବିଶି,ରୋହିତ ପ୍ରଧାନ, ଲବ୍ୟ ବାଘ , ଶ୍ୱେତ ବାହାନ ଚଣ୍ଡୀ , ପୀତାମ୍ବର ପଟେଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏହି ରାସ୍ତା ଉପରେ ବ୍ଲକର ପାଟଖଲିଆ, ଦଲବେଡ଼ା ଓ ଚନ୍ଦାହାଣ୍ଡି ପଞ୍ଚାୟତର ୨୦ ଖଣ୍ଡ ଗାଁର ଲୋକେ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତା ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକେ ଯିବା ଆସିବା କରିଥାନ୍ତି। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ ପାଇଁ ଗତ ଜୁନ ୧ତାରିଖରେ ନବରଙ୍ଗପୁର ଏମ୍ପି ରମେଶ ମାଝି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ଭିତରେ ୩ମାସ ବିତିଗଲାଣି, ହେଲେ କେଉଁ ଠିକା ସଂସ୍ଥା ଏହି ରାସ୍ତାର ନିର୍ମାଣ ଦାୟିତ୍ୱ ନେଇଛି ତାହାର କୌଣସି ଖୋଜ ଖବର ନ ଥିବାରୁ ଗ୍ରାମବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ହଳଦୀଗାଁକୁ ନାହିଁ ପକ୍କା ରାସ୍ତା

ଦୁର୍ଭାଗ୍ୟର ବିଷୟ ୨୫ ବର୍ଷ ହେଲା ଏମ୍ପି ମାଝି ଏହି ବ୍ଲକରୁ ବ୍ଲକ ଅଧକ୍ଷ ଠୁ ଆରମ୍ଭ କରି ଜିଲା ପରିଷଦ, ବିଧାୟକ, ଓ ରାଜ୍ୟ ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଏମ୍ପି ପର୍ଯ୍ୟନ୍ତ ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ବିମୁଖ। ବର୍ତ୍ତମାନ ତାଙ୍କ ଭାଇ ବିଧାୟକ ଅଛନ୍ତି। ଏହି ବ୍ଲକର ଲୋକେ ଏକ ତରଫା ଭାବରେ ତାଙ୍କୁ ମତଦାନ ଦେଇ ନିର୍ବାଚିତ କରିଥାନ୍ତି। ବିଧାୟକ, ଏମ୍ପିଙ୍କ ନିଜ ବ୍ଲକରେ ଯଦି ଏଭଳି ଅବସ୍ଥା ତା'ହେଲେ ଅନ୍ୟ ବ୍ଲକର ବିକାଶ କିଭଳି ହୋଇଥିବ ତାହା ଏଥିରୁ ଅନୁମେୟ। ଏ ବାବଦରେ ଏମ୍ପି ରମେଶ ମାଝିଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇସାରିଛି ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବର୍ଷାଋତୁ ସରିଲେ କାମ ଆରମ୍ଭ କରାଯିବ। ରାସ୍ତା କାମ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବାରୁ ଏଥିରେ ବ୍ଲକର କୌଣସି ଭୂମିକା ନାହିଁ ବୋଲି ବିଡ଼ିଓ ଧର୍ମରାଜ ମାଝି କହିଛନ୍ତି।

## ଶିକ୍ଷକଙ୍କ ବଦଳିକୁ ନେଇ କାନ୍ଦିଲେ ଛାତ୍ରୀଛାତ୍ର

ଡାବୁଗାଁ, ୧୬।୯ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସରାଗୁଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀପର୍ଯ୍ୟନ୍ତ ରହିଛି। ଉକ୍ତ ବିଦ୍ୟାଳୟରେ ୧୫୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ଶିକ୍ଷାଦାନ ନିମନ୍ତେ ମାତ୍ର ୩ ଜଣ ଶିକ୍ଷକ ଥିଲେ। ସେମାନଙ୍କ ମଧ୍ୟରୁ ଶିକ୍ଷକ ଦିବାକର ବାରିକଙ୍କୁ ଡାବୁଗାଁ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ବହୁ ଅସୁବିଧା ହେଉଛି। ସମ୍ପୃକ୍ତ ଶିକ୍ଷକ ଏହି ସ୍କୁଲରେ ରୁହନ୍ତୁ ବୋଲି କାନ୍ଦିକାନ୍ଦି ପ୍ରତିବାଦ କରୁଛନ୍ତି ଛାତ୍ରୀଛାତ୍ରମାନେ। ଶିକ୍ଷକ ଯଦି ଆମ ବିଦ୍ୟାଳୟରେ ରହିବେ ନାହିଁ ତେବେ ଆମେମାନେ ସ୍କୁଲକୁ ଆସିବୁ ନାହିଁ ବୋଲି ସେମାନେ କହିଛନ୍ତି ।ଶିକ୍ଷକ ଅଭାବ ବେଳେ ଶିକ୍ଷକଙ୍କ ବଦଳିକୁ ଅଭିଭାବକମାନେ ମଧ୍ୟ ବିରୋଧ କରିଛନ୍ତି। ଏନେଇ ଅଭିଭାବକମାନେ ଶୁକ୍ରବାର ଲିଖିତଭାବେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି। ଶିକ୍ଷକ ବାରିକଙ୍କ ବଦଳି ବାତିଲ କରା ନ ଗଲେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଅଭିଭାବକ କପୁର ମାଝି, ଚୈତନ ଭତରା, ସୁକଦେବ ଭତରା, ଲାଇବାନ ଭତରା, ବଳରାମ ପନକା, କରମା ପୂଜାରୀ, ଦଳ ପୂଜାରୀ, ପୁରନ ମାଝି ପ୍ରମୁଖ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନବରଙ୍ଗପୁର, ୧୬।୯(ସଦାଶିବ ପ୍ରହରାଜ)

ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନ୍ସନ ଯୋଜନାଭୁକ୍ତ ନବରଙ୍ଗପୁର ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କମଳଲୋଚନ ମିଶ୍ର ଓ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗକରିବା ସହ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ସେହିଭଳି ପୁରୁଣା ପେନ୍ସନ ବ୍ୟବସ୍ଥା ଲାଗୁ କରାଯିବାକୁ ଦାବି ହୋଇଛି। ଦାବି ପ୍ରତି ସରକାର ତୁରନ୍ତ ନିଷ୍ପତ୍ତି ନ ନେଲେ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ୨୬ ତାରିଖରେ ସଚିବାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ୨୦୦୪ରୁ ୨୦୨୨ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଏନ୍‌ପିଏସ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ପ୍ରତିନିଧିମାନେ ନଳିନୀକାନ୍ତ ପାତ୍ର, ଚିତ୍ତରଞ୍ଜନ ପଟ୍ଟନାୟକ, ନାରାୟଣ ଦାଶ, ବିଶ୍ୱେଶ୍ୱର ସାହୁ, ସୁରଜ ସାହୁ, କମଳାକାନ୍ତ ରାଉତ, କମଳ ଲୋଚନ ହାଲବା, ଅରୁଣ କୁମାର ପୃଷ୍ଟି, ଆଲୋକ ରଶ୍ମି ରଞ୍ଜନ ଦାଶ, କସ୍ତୁରୀ ସାହୁ, କବିତା ଭତରା, ମମତା ଚାଲାଣ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି ।



ପେନ୍ସନ ଯୋଜନାଭୁକ୍ତ ଶିକ୍ଷକମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ୧୮ରେ ଭାଜପା ରାଜ୍ୟ ସଭାପତିଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର,୧୬।୯ (ସଦାଶିବ ପ୍ରହରାଜ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆସନ୍ତା ୧୮ ତାରିଖରେ ୨ ଦିନିଆ ନବରଙ୍ଗପୁର ଗସ୍ତରେ ଆସି ବିଭିନ୍ନ ଦଳୀୟ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତାମାନଙ୍କ ସହ ଦଳୀୟ ସାଂଗଠନିକ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସଭାପତି ପ୍ରଥମେ ନବରଙ୍ଗପୁର ପହଞ୍ଚି ଚାମୁଣ୍ଡିଆଗୁଡ଼ା ମନ୍ଦିରଠାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲା ସଭାପତି ଜଗଦୀଶ ବିଷୋୟୀ ସୂଚନା ଦେଇଛନ୍ତି। ଆସନ୍ତା ୧୮ ତାରିଖରେ ସ୍ଥାନୀୟ ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ ରାଜ୍ୟ ସଭାପତି ଡାବୁଗାଁ, ଉମରକୋଟ ଓ ଝରିଗାଁ ନିର୍ବାଚନ ମଣ୍ଡଳୀରେ ପହଞ୍ଚି ଭାଜପା କର୍ମକର୍ତ୍ତା ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ସଭାପତି ବିଷୋୟୀ ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି ସଦସ୍ୟଙ୍କ ସହ ଅନ୍ୟମାନେ।

ଉମରକୋଟ, ୧୬।୯ (ସନ୍ତୋଷ ଶତପଥୀ)

ଉମରକୋଟସ୍ଥିତ ଗୁଲିପାଟଣା ସାହିର କଳିଙ୍ଗ କଳା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ବାବା ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଜୟଦେବ ପରିଡାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କୋଷାଧକ୍ଷ ସଞ୍ଜୀବ ସାହୁ ଗତ ବର୍ଷ ପୂଜା ସମୟର ସମସ୍ତ ଖର୍ଚ୍ଚର ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ମହା ଆଡମ୍ବର ସହକାରେ ମା'ଙ୍କ ପୂଜା କାର୍ଯ୍ୟ କରାଯିବା ନେଇ ସମସ୍ତ ସଦସ୍ୟ ମତାମତ ଦେଇଥିଲେ। ଦୁର୍ଗାପୂଜା ପାଇଁ ଚଳିତ ମାସ ୨୦ ତାରିଖ ସକାଳ ୭ଟା ୧୫ ମିନିଟ୍ ସମୟରେ ଶୁଭଖୁଣ୍ଟି ସ୍ଥାପନ କରାଯିବ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ପୂଜାମଣ୍ଡପଠାରେ ନବରାତ୍ରି ପୂଜା କରାଯିବ। ଆସନ୍ତା ମାସ ୧୪ ତାରିଖ ଅପରାହ୍ନ ୪ଟା ୧୦ ମିନିଟ୍‌ରେ ବେଲବରଣ କରାଯିବ। ସେହିପରି ୨୨ ତାରିଖ ରବିବାର ଅସ୍ଥାୟୀ ମଣ୍ଡପଠାରେ ମହାଷ୍ଟମୀ ପୂଜା କରାଯିବ ଏବଂ ୨୪ରେ ପୀଠରେ ଦଶହରା ପୂଜା କାର୍ଯ୍ୟକ୍ରମ ରହିଛି ବୋଲି ପୂଜକ ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଓ ପେଣ୍ଡରା ତ୍ରିପାଠୀ ସୂଚନା ଦେଇଛନ୍ତି। ମହାଷ୍ଟମୀ ଅବସରରେ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଆଜିର ବୈଠକରେ ଆଇନଜୀବୀ ଖାଡେଶ୍ୱର ମହାନ୍ତି, ଦଣ୍ଡପାଣି ଖାଡଙ୍ଗା, ପ୍ରମୋଦ ସ୍ୱାଇଁ, ଯତୀନ ପଣ୍ଡା, ଗୁଲୁ ସାହୁ, ବାଲାଜି ବେହେରା, ବିଷ୍ଣୁପ୍ରସାଦ ପଟ୍ଟନାୟକ, କୃଷ୍ଣ ସାହୁ, ମହେନ୍ଦ୍ର ଦାସ, ଗଦା ବିଷୋୟୀ, ମାନସ ସାହୁ, ରାମଚନ୍ଦ୍ର ମାଣିଆ, କିଶୋର ପାଳ, ଗଣେଶ ପ୍ରସାଦ ରଣା ଏବଂ କଳିଙ୍ଗ କଳା ଓ ସାଂସ୍କୃତିକ ପରିଷଦର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କଲେ ଏମ୍ପି, ବିଧାୟକ

ଝରିଗାଁ,୧୬।୯(କିଶୋର ଚନ୍ଦ୍ର ମଣ୍ଡଳ)– ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଶନିବାର ଝରିଗାଁ ବ୍ଲକ ଗସ୍ତରେ ଆସି ଝରିଗାଁ ପଞ୍ଚାୟତ ସହିତ ଇଚ୍ଛାପୁର, ଭାଲୁକନାଡି, ଗୁରୁସିଙ୍ଗା, ବେଲଗାଁ, ଚିତାବେଡା, ଏକାମ୍ବା, ତେଲନଦିଗାଁ ଆଦି ୮ଟି ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ଥାନୀୟ ଜନସାଧାରଣଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମେ ଏମ୍ପି ଓ ବିଧାୟକ ଝରିଗାଁ ପଞ୍ଚାୟତ ଗସ୍ତ କରି ସ୍ଥାନୀୟ ମିଶନ ଶକ୍ତି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ପରେ ଇଚ୍ଛାପୁର ପଞ୍ଚାୟତ ଗସ୍ତ କରି ଇଚ୍ଛାପୁର ଏବଂ କାଦମୋଲି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ଏବଂ ବ୍ୟାଙ୍କ ସୁବିଧା ନିମିତ୍ତ ବ୍ୟାଙ୍କ କେନ୍ଦ୍ର ଓ ଫାସିଲିଟି କେନ୍ଦ୍ରର ଶୁଭ ଦେଇଥିଲେ। ଭାଲୁକନାଡି ପଞ୍ଚାୟତ ଗସ୍ତ କରି ବ୍ୟାଙ୍କ କେନ୍ଦ୍ର ନିମିତ୍ତ ଶୁଭ ଦେଇଥିଲେ। ଗୁରୁସିଙ୍ଗା ପଞ୍ଚାୟତରେ ମାନିକପୁରୀ ପନକା ସମାଜର ଏକ ବୈଠକରେ ଯୋଗଦେଇ ସେଠାରେ ଏକ ବୈଠକଗୃହର ଶୁଭ ଦେଇଥିଲେ। ବେଲଗାଁ ପଞ୍ଚାୟତ ଗସ୍ତ କରି କରମରି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ, ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ୟାଙ୍କ କେନ୍ଦ୍ର, ବେଲଗାଁ ଆଶ୍ରମ ବିଦ୍ୟାଳୟ ଠାରେ ସାଂସ୍କୃତିକ ମଣ୍ଡପ ଏବଂ ଗ୍ରାମ ଠାକୁରାଣୀଙ୍କ ନିମିତ୍ତ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଚିତାବେଡ଼ା ପଞ୍ଚାୟତରେ ଏକ ଫାସିଲିଟି କେନ୍ଦ୍ର ଓ ଏକାମ୍ବା ପଞ୍ଚାୟତରେ ବ୍ୟାଙ୍କ କେନ୍ଦ୍ର ନିମନ୍ତେ ଶୁଭ ଦେଇଥିଲେ। ତେଲନଦୀ ଗାଁ ପଞ୍ଚାୟତ ଗସ୍ତକରି ବ୍ୟାଙ୍କ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ପକାଇଥିଲେ। ଏହି ଅବସରରେ ଏମ୍ପି ମାଝୀ ଗ୍ରାମାଞ୍ଚଳର ଉନ୍ନତି ତଥା ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତାକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇ ଆସୁଥିବା ଲୋକଙ୍କୁ ଅବଗତ କରାଇଥିଲେ। ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏମ୍ପି ପ୍ରତିନିଧି ପ୍ରିୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ,ଜିଲା ପରିଷଦ ସଭ୍ୟ ପ୍ରମିଳା ପୂଜାରୀ, ଯମୁନା ଗଣ୍ଡ, ବିଡ଼ିଓ ସତ୍ୟ ନାରାୟଣ ମେହେର, ସହକାରୀ ଯନ୍ତ୍ରୀ ବିନୀତ ମିଶ୍ର, ବ୍ଲକ ବିଜେଡି ସଭାପତି ଟିକଚନ୍ଦ ମାଝୀ, ବିଧାୟକ ପ୍ରତିନିଧି ରାମଧର ମାଝୀ, ଲ୍ୟାମ୍ପ ସଭାନେତ୍ରୀ ଲଛମା ଗଣ୍ଡ, ସଦାଶିବ ପଟ୍ଟନାୟକ,ସରପଞ୍ଚ ମୋହନ ନାୟକ, ଡମ୍ବରୁ ଭତ୍ରା, କେଲୁ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଏମ୍ପି ଓ ବିଧାୟକ ତେଲନଦୀଗାଁସ୍ଥିତ ଫାସିଲିଟି କେନ୍ଦ୍ର ଓ ବ୍ୟାଙ୍କ କେନ୍ଦ୍ର ପାଇଁ ଶୁଭ ଦେଉଛନ୍ତି।

## ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମର ଶୁଭାରମ୍ଭ

ନବରଙ୍ଗପୁର,୧୬।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳୀ ପ୍ରସାଦ ବେହେରା ସ୍ୱାଗତ ଜଣାଇବା ସହ ଆୟୁଷମାନ ଭବଃ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଅଞ୍ଚଳରେ ରକ୍ତଦାନ ଶିବିର ଓ ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ କିଭଳି ଲୋକ ପ୍ରତିନିଧି ଓ ଜନସାଧାରଣ ଅଧିକରୁ ଅଧିକ ସାମିଲ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦୂରୀକରଣ ସହ ଜିଲାରେ ରକ୍ତହୀନତା ରୋଗୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ଜିଲାପାଳ ମିଶ୍ର କହିଛନ୍ତି। ଯୋଗ ମାଧମରେ ନିଜକୁ ସୁସ୍ଥ ରଖିବା ପାଇଁ ଏବଂ ଏକ ସୁସ୍ଥ ଗ୍ରାମ ଗଠନ କରିବା ଉଦ୍ଦେଶ୍ୟରେ ଯୋଗ ତାଲିମପ୍ରାପ୍ତ ପ୍ରଶିକ୍ଷକ ୪୮ଟି ସ୍ଥାନରେ ତାଲିମ ପ୍ରଦାନ କରୁଛନ୍ତି। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ମେଳା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ଅଧକ୍ଷ କୁନୁ ନାୟକ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ମଳୟ କୁମାର ତ୍ରିପାଠୀ, ଡାକ୍ତର ଲକ୍ଷ୍ମୀ ନାରାୟଣ ବଶୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ଜିଲା ସଦର ମହକୁମା ଡାକ୍ତରଖାନାର ଡାକ୍ତର, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ମା' କଳସୀ ଠାକୁରାଣୀଙ୍କ ପୀଠରେ ଭାଦ୍ରବ ଯାତ୍ରା

ରାଇଘର, ୧୬।୯
(କିରଣ କୁମାର ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ମା' କଳସୀ ଠାକୁରାଣୀ ପୀଠରେ ଶନିବାର ଭାଦ୍ରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ରାଇଘର ବ୍ଲକର ସାତପାଲି ଗ୍ରାମବାସୀ ଏକାଠି ହୋଇ ପ୍ରଥମେ ଗ୍ରାମ ପରିକ୍ରମା ପରେ ଠାକୁରାଣୀ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି। ଏହି ପୂଜାରେ ବିଭିନ୍ନ ପ୍ରକାର ପୋକ, ଯାହାକି ମଣିଷର କ୍ଷତି କରିଥାନ୍ତି ସେହି ପୋକଗୁଡ଼ିକୁ ସଂଗ୍ରହକରି ମା'ଙ୍କ ପୀଠକୁ ନେଇଥାନ୍ତି। ସେଠାରେ ଉକ୍ତ ପୋକକୁ ଫୁଲ ସିନ୍ଦୂର ଦେଇ ପୂଜା କରି ନଦୀରେ ପକାଇଥାନ୍ତି। ଏପରି କଲେ ଘରେ ଘରେ ହେଉଥିବା ଶଁବାଳୁଆ ସହ ଅନ୍ୟାନ୍ୟ ପୋକ, ଧାନ ବିଲରେ ଲାଗୁଥିବା ପୋକ, ମକା ଓ ପରିବା ଚାଷରେ ଲାଗୁଥିବା ପୋକ ଏହି ପୂଜା ପରେ କିଛି ନଷ୍ଟ କରନ୍ତି ନାହିଁ କି ଆଉ ଦେଖାଯାଆନ୍ତି ନାହିଁ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ଭାଦ୍ରବ ମାସ ବାଲି ତୃତୀୟାରେ ଗ୍ରାମବାସୀ ଭାଦ୍ରବ ଯାତ୍ରା ପାଳନ କରିଥାନ୍ତି । ଏହି ଯାତ୍ରାରେ ମା' ପେଣ୍ଡ୍ରାଣୀ, ମା' କଳସୀ, ମା ମଉଳିଙ୍କ ପୂଜାରୀ ଯୋଗ ଦେଇ ପୂଜା ବିଧି କରିଥାନ୍ତି। ଏହାପରେ ଗ୍ରାମ ମୁଖିଆ (ଗାଉଁଟିଆ) ମୁନା ରାଜପୁତଙ୍କ ସହ ପାତ୍ର, ମାଳୀ ଓ ନେଙ୍ଗୀ କୁଳ ସମେତ ସାତପାଲିର ମୁଖିଆ ରହି ନୂଆଖାଇ ତାରିଖ ଧାର୍ଯ୍ୟ କରନ୍ତି । ଏହି ଯାତ୍ରାରେ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକତ୍ରିତ ହୋଇଥିବା ବେଳେ ପୂଜାର୍ଚ୍ଚନା ପରେ ମନ୍ଦିରରେ ପ୍ରସାଦ ପାଇ ନିଜ ଘରକୁ ଯାଇଥାନ୍ତି ।



ଭାଦ୍ରବ ଯାତ୍ରାରେ ଅଂଶ ଗ୍ରହଣ କରିଥିବା ଶ୍ରଦ୍ଧାଳୁ।

## ବିଶେଷ ପରିସ୍ଥିତିରେ ରେଡକ୍ରସ୍ ଏକ ପ୍ରମୁଖ ବିକଳ୍ପ

ନବରଙ୍ଗପୁର,୧୬।୯(ସଦାଶିବ ପ୍ରହରାଜ)




ବୈଠକରେ ମଞ୍ଚାସୀନ ଅଧିକାରୀମାନେ ।

### ଯୁବ ରେଡକ୍ରସ୍‌ର ନବରଙ୍ଗପୁର ଜିଲା କାର୍ଯ୍ୟକାରିଣୀ ବୈଠକ

ନବରଙ୍ଗପୁର ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଜିଲାସ୍ତରୀୟ ସମାବେଶ ଆୟୋଜିତ ହୋଇ ଯାଇଛି। ଜିଲାର ୪୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୧୩ ସ୍ନାତକ ମହାବିଦ୍ୟାଳୟରୁ ପ୍ରାୟ ୭୦ଜଣ ଅଧକ୍ଷ ଓ କାଉନସିଲର ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ରେଡକ୍ରସ୍ ଆଜୀବନ ସଦସ୍ୟ ତଥା ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଓ କଲେଜ ଅଧକ୍ଷ ଡ ଭାସ୍କର ନାଥ ବିଶ୍ୱାଳ ସମଗ୍ର ଜିଲା ପାଇଁ ' ମୋ ବରଗଛ' ପ୍ରକଳ୍ପର ଉଦଘାଟନ କରି ଦୁଇଟି ବରଗଛ ଲଗାଇଥିଲେ। ଜିଲା ରେଡକ୍ରସ୍‌ର କାମକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଏପରି କାର୍ଯ୍ୟ କରାଯାଉଛି ବୋଲି ଅଧକ୍ଷ ପ୍ରକାଶ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଜିଲା ଆପାତକାଳୀନ ଅଧିକାରୀ ପି.ମନସ୍ୱିତା, ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ରେଡକ୍ରସ୍‌କୁ ଏକ ଅଭିଯାନରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶେଷ ପରିସ୍ଥିତିରେ ରେଡକ୍ରସ ହିଁ ଏକ ପ୍ରମୁଖ ବିକଳ୍ପ ବୋଲି ମୁଖ୍ୟ ଅତିଥି କହିଛନ୍ତି। ଆଗାମୀ ଦିନରେ ଯୁବ ରେଡକ୍ରସ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସାମାଜିକ କର୍ମୀ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଚନ୍ଦ୍ର ଶେଖର ପଟ୍ଟନାୟକ ଏଚ୍‌ଆଇଭି ଉପରେ କହିବା ସହ ରେଡ୍ ରିବନ୍ କ୍ଲବ ସବୁ ଅନୁଷ୍ଠାନରେ ଖୋଲିବା ପାଇଁ ଆହ୍ୱାନ ଦେଇଥିଲେ। କାଉନସିଲର ଅଶ୍ୱିନୀ କୁମାର ବେହେରା ଓ ନିର୍ମଳା ହିକ୍କା ଯୁବ ରେଡକ୍ରସ୍‌ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଆଶୋକ ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଯୁବ ରେଡକ୍ରସ୍ ଜିଲା ସମ୍ପାଦକ ଅଧାପକ ଦିଲ୍ଲୀପ ହୋତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲା ସଂଯୋଜକ ଅଧାପକ ଅଖିଳ କୁମାର ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଶମ୍ଭୁ ପ୍ରାସାଦ ହୋତା ଓ ରଜନୀ ମିଞ୍ଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ନାତକ ମହିଳା ମହାବିଦ୍ୟାଳୟ ଅଧାପିକା ଡଃ ସଂଯୁକ୍ତା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଶାନ୍ତ ମିଶ୍ର, ରାଜନ ତ୍ରିପାଠୀ, ଗୋପୀ ଗୌଡ଼ଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

ନନ୍ଦାହାଣ୍ଡି,୧୬।୯(ପ୍ରତୀପ କୁମାର ଦାଶ)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ନିମ୍ନାହାଣ୍ଡି, ବିଞ୍ଜିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଓ କତ୍ରାଗୁଡା ସରକାରୀ ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ସମ୍ମାନନୀୟ ଅତିଥି ଭାବେ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝି, ନନ୍ଦାହାଣ୍ଡି ଜୋନ୍-୨ର ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ସାହୁ, ନନ୍ଦାହାଣ୍ଡି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ଶିଶୁ ମଙ୍ଗଳ ଅଧିକାରୀ ସସ୍ମିତା ମହାନ୍ତି, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାଧେଶ୍ୟାମ ଲାଇକ, ନନ୍ଦାହାଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଶ୍ୱରଞ୍ଜନ ସାହୁ , ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ପାତ୍ର, ବଂଶୀଧର ରଥ, ଚିତ୍ତରଞ୍ଜନ ମିଶ୍ର, ସମସ୍ତ ସ୍କୁଲର ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଭିଭାବକ , ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ଛାତ୍ରୀଛାତ୍ରମାନେ କିଭଳି ସୁସଂସ୍କାର ସମ୍ପନ୍ନ ଓ ଶୃଙ୍ଖଳିତ ହେବେ ସେ ବିଷୟରେ ଆଲୋଚନା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ଜନ ହିତକାରୀ ଯୋଜନାଗୁଡିକ ଦେଖାଇବା ପାଇଁ ପ୍ରାଣୀ ଚିକିତ୍ସା ବିଭାଗ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଯୋଗାଣ ବିଭାଗ, ଶିକ୍ଷା ବିଭାଗ, ମତ୍ସ୍ୟ ସମ୍ପଦ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ଲଗାଯାଇଥିଲା। ମୁଖ୍ୟ ଅତିଥି ବିଧାୟକ ପ୍ରଧାନୀ କହିଥିଲେ ଯେ, ରାଜ୍ୟ ସରକାର ଶିକ୍ଷାର ଉନ୍ନତି ଏବଂ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ହୋଇଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା କିଭଳି ଠିକରେ ହେବ, ପିଲାଙ୍କୁ ଉତ୍ତମ ଖାଦ୍ୟ ମିଳୁଛି ନା ନାହିଁ, ଉତ୍ତମ ଶିକ୍ଷାଦାନ ହେଉଛି ନା ନାହିଁ ସେଥିପ୍ରତି ଅଭିଭାବକମାନେ ବିଶେଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ବିଧାୟକ କହିଥିଲେ।

### ଆୟୁଷ୍ମାନ ଭବ କାର୍ଯ୍ୟକ୍ରମର ଶୁଭାରମ୍ଭ

ନନ୍ଦପୁର,୧୬।୯(ଶଙ୍କରି ପୂଜାରୀ)

ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୁଧବାର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଯୋଜନା 'ଆୟୁଷ୍ମାନ ଭବ'ର ଶୁଭାରମ୍ଭ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଭାସି ମାଧ୍ୟମରେ ଆୟୁଷ୍ମାନ ଭବ ଯୋଜନାର ଶୁଭାରମ୍ଭ କରିଥିଲେ। ଶୁଭାରମ୍ଭ ଉତ୍ସବରେ ସାମିଲ ହେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନନ୍ଦପୁର ସରପଞ୍ଚ ସାଜେନ୍ତୀ କିର୍ଷାନୀ, ସମିତିସଭ୍ୟ ବିନୋଦିନୀ ସମାର୍ଡି, ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ସୁନୀଲ ସାହୁ, ନନ୍ଦପୁର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ବାଡ଼ା ପ୍ରକାଶ ପତି, ସିଏଚ୍ଓ ମୀନକେଶ୍ୱର ପଟ୍ଟନାୟକ, ନାଲୁ ପରିଡ଼ା, ଲୋକନାଥ ଚୌଧୁରୀଙ୍କ ସମେତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ ଆୟୁଷ୍ମାନ ଭବ ଯୋଜନା ମାଧ୍ୟମରେ ଲୋକ ଓ ଲୋକ ପ୍ରତିନିଧିଙ୍କ ଦ୍ୱାରା, ସୁସ୍ଥ ସମାଜ, ସୁସ୍ଥ ଗ୍ରାମ ଓ ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମୁର୍ମୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଗ୍ରାମ ଓ ଗ୍ରାମପଞ୍ଚାୟତରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

# ପିଇଓଙ୍କ କ୍ୱାର୍ଟର୍ସ ପାଲଟିଛି କ୍ୱାକ୍‌ଙ୍କ ଅସ୍ଥାୟୀ କ୍ଲିନିକ୍

## କ୍ୱାକ୍‌ଙ୍କ ହାତରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା

ଏମ୍‌ଭି ୭୯, ୧୬।୯(ଭିକି ବାରିକ)



ପିଇଓଙ୍କ କ୍ୱାର୍ଟର୍ସରେ ଚାଲିଥିବା କ୍ଲିନିକ୍ ।

ମାଲକାନଗିରି ଜିଲା ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଣ୍ଡବାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବାସଗୃହରେ ଜଣେ କ୍ୱାକ୍ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଦେଖିବାକୁ ମିଳିଛି। ଏହି କୋଠା ବାହାରେ ଲଗାଯାଇଥିବା ବ୍ୟାନର ଦେଖିଲେ ଗ୍ରାମାଞ୍ଚଳରେ ଥିବା ଏକ କ୍ଲିନିକ୍ ଭଳି ଭ୍ରମ ସୃଷ୍ଟି କରୁଥିବା ବେଳେ କୋଠରି ଭିତରେ ରୋଗୀଙ୍କୁ ଚଟାଣରେ ଶୁଆଇ ସାଲାଇନ୍ ବୋତଲ ଝରକାରେ ବାନ୍ଧି ଦିଆଯାଉଛି। ମେଡିକାଲ କିମ୍ବା ବିଭାଗୀୟ ଅନୁମତି ନ ନେଇ ସ୍ଥାନୀୟ ଲୋକଙ୍କୁ ଭଳିକି ଭଳି ଔଷଧ ଓ ସାଲାଇନ ଦିଆଯାଉଥିବା ବେଳେ ସ୍ଥାନୀୟ ଲୋକେ ଏଥିପାଇଁ ମୋଟା ଅଙ୍କର ଅର୍ଥ ମଧ୍ୟ ପ୍ରଦାନ କରୁଥିବା କହିଛନ୍ତି। ଏଠାରେ ଡାକ୍ତର ଭାବେ ଆନ୍ଧ୍ରପ୍ରଦେଶର ଜଣେ କ୍ୱାକ୍ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଜଣାପଡ଼ିଛି।

ଶନିବାର ଏ ନେଇ ଗ୍ରାମବାସୀ ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେବାରୁ ସେଠାରେ ପହଞ୍ଚିବା କ୍ୱାକ୍ ଜଣକ ବିଭିନ୍ନ ଆଳ ଦେଖାଇ ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିଲେ। ଏ ବାବଦରେ ତାଣ୍ଡବାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ ନୂତନ ଭାବେ ଯୋଗ ଦେଇଛନ୍ତି । ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ ନ ଥିବାରୁ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ବୋଲି କହିଥିଲେ। ତେବେ ଦୀର୍ଘଦିନ ଧରି ଆନ୍ଧ୍ରପ୍ରଦେଶ ଅଞ୍ଚଳର ଜଣେ କ୍ୱାକ୍ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସରକାରୀ ବାସଗୃହରେ ରହି ରୋଗୀ ସେବା କରୁଥିବା ବେଳେ ବିଭାଗ ଏ ଦିଗରେ କିଭଳି କେହି ଜାଣି ପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାଳିମେଳା ଓ ପଡ଼ିଆ ବ୍ଲକର ବିଭିନ୍ନ ସ୍ଥାନରେ କ୍ୱାକ୍ ଲୋକଙ୍କୁ ଚିକିତ୍ସା ଯୋଗାଇ ବହୁ ଅର୍ଥ ଆଦାୟ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତାଣ୍ଡବାଇ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ଏଭଳି କ୍ୱାକ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଲୋକଙ୍କୁ ମେଡିକାଲକୁ ପଠାଇବା ବ୍ୟବସ୍ଥା କଲେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସୁଦୃଢ଼ ହୋଇପାରିବ। ଏଥିସହ ତାଣ୍ଡବାଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବାସଗୃହରେ ଲୋକଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ତା'ର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

# ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

## କନ୍ୟାଶ୍ରମ ବାଳିକା ବିଦ୍ୟାଳୟ

କାଳିମେଳା, ୧୬।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଅନୁସୂଚିତ ଜନଜାତି ଉଚ୍ଚ ବାଳିକା ବିଦ୍ୟାଳୟରେ ଶନିବାର ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ଏବଂ ଅଭିଭାବକ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଡ଼ିଆ ବିଡିଓ ରାମକୃଷ୍ଣ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ତା ହରଣ ମଧୁ, ସମ୍ମାନିତ ଅତିଥି ରେଞ୍ଜର ଟଙ୍କଧର ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ପଣ୍ଡା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଲା ମାଡକାମି, ପ୍ରଧାନ ଶିକ୍ଷୟିତ୍ରୀ ବନାନୀ ମହାପାତ୍ର ଏବଂ ଅନ୍ୟତମ ବକ୍ତା ଭାବେ ଜିଲା ଡିଡବ୍ଲ୍ୟୁଇଓ ପ୍ରଫୁଲ୍ଲ କୁମାର ଭୁଜବଳ, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆସିବା ପାଇଁ ଖର୍ଚ୍ଚ କରାଯାଉଛି। ଏଥିସହ ଛାତ୍ରୀମାନଙ୍କ ପାଇଁ ଖେଳ ସାମଗ୍ରୀ, ବିଜ୍ଞାନ ସାମଗ୍ରୀ, ପୋଷାକ, ଖେଳ ପୋଷାକ, ଜୋତା ସମେତ ବାର୍ଷିକ ଉତ୍ସବ ପାଇଁ ସରକାର ଆର୍ଥିକ ଅନୁଦାନ ଦେଇ ଆସୁଥିବା ବେଳେ ଅନୁସୂଚିତ ଜାତି ଓ ଆଦିବାସୀ ପିଲାଙ୍କ ଉଚ୍ଚଶିକ୍ଷା ଡାକ୍ତରୀ, ଇଞ୍ଜିନିୟରିଂ ଆଦି ଶିକ୍ଷା ପାଇଁ ୨୦ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରାଯାଉଛି। ଅନ୍ୟପକ୍ଷରେ ଜିଲାରେ ଅନ୍ୱେଷା ହଷ୍ଟେଲ ଖୋଲାଯାଇ ବିଭିନ୍ନ ବେସରକାରୀ ଇଂଲିଶ ଏବଂ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ାଇବା ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଆମ ଓଡ଼ିଶା ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା


କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଦୀପଙ୍କର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗଣେଶଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ପାଇଁ ଆସୁଥିବା ସରକାରୀ ସହାୟତା, ଶିକ୍ଷା ବ୍ୟବସ୍ଥାର ନୀତିନିୟମ ଉପରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତି ଛାତ୍ରୀଙ୍କ ପାଇଁ ଖାଇବା ଖର୍ଚ୍ଚ ବାବଦକୁ ମାସକୁ ୧୧ ଶହ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ୫୦ ଟଙ୍କା ନିତ୍ୟବ୍ୟବହାର୍ଯ୍ୟ ସମାଗ୍ରୀ ପାଇଁ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, କୁପୋଷଣ, ଜୀବନ କୌଶଳ ଶିକ୍ଷା, ବିଜ୍ଞାନ ସମ୍ବନ୍ଧୀୟ, ସିଲେଇ ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟା ଭଳି ବିଭିନ୍ନ ଷ୍ଟଲ ଖୋଲି ଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ସଚେତନ କରାଯାଇଥିଲା। ଏହାଦ୍ୱାରା ଜଣେ ଅଭିଭାବକ ବିଦ୍ୟାଳୟ ଓ ଶିକ୍ଷା ପ୍ରତି ଆଗ୍ରହୀ ହେବା ସହ ବାଳିକାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରାଧିକାର ଦେଇ ମାନବିକ ମୂଲ୍ୟବୋଧ ପ୍ରତି ଆକୃଷ୍ଟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଶିକ୍ଷକ ପଞ୍ଚଗୁରୁ ମହାନନ୍ଦିଆ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ ।

# ସଚେତନ ଅଭିଭାବକଙ୍କ ପିଲାମାନେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ


ବୈଠକରେ ଯୋଗଦେଇଥିବା ଅଭିଭାବକମାନେ ।

ମାଲକାନଗିରି,୧୬।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅନ୍ୱେଷା ଛାତ୍ରୀ ନିବାସରେ ଶନିବାର ୪୦୦ରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କ ଅଭିଭାବକମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ପରିବେଶବିତ୍ ତଥା ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ନାୟକ, ସହକାରୀ ଉଦ୍ୟାନ ଅଧିକାରୀ କବିତା ହନ୍ତାଳ, ଛାତ୍ରୀନିବାସ ପରିଚାଳନା କମିଟି ସଭାପତି ଅଞ୍ଜଳି ବିଶ୍ୱାସ, ସମ୍ପାଦକ ସରିତା ବାଘ, ପରିଚାଳିକା ସାବିତ୍ରୀ ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ରବୀନ୍ଦ୍ର କୁମାର ମହାରଣା ଯୋଗ ଦେଇଥିଲେ। ବିଶେଷକରି ଯେଉଁ ଅଭିଭାବକମାନେ ନିଜର ପିଲାଙ୍କ ପ୍ରତି ଯତ୍ନଶୀଳ ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ସବୁବେଳେ ଚିନ୍ତା କରିଥାନ୍ତି ସେହି ସନ୍ତାନମାନେ ପିତାମାତାଙ୍କୁ ସମ୍ମାନ ଜଣାଇ ସେମାନଙ୍କ ଆଦର୍ଶରେ ନିଜକୁ ଉତ୍ସର୍ଗ କରିଥାନ୍ତି । ଫଳରେ ପିତାମାତାଙ୍କ ସ୍ନେହ ପାଇ ଆଗାମୀ ଦିନରେ ଶିକ୍ଷାଲାଭ କରି ସୁନାଗରିକ ହେବା ସହ ଜୀବନରେ ଉଚ୍ଚ ପଦପଦବୀ, ରାଜନେତା, ବୈଜ୍ଞାନିକ ଏବଂ ସମାଜସେବା ପ୍ରତି ଆଗ୍ରହ ବଢ଼ାଇଥାନ୍ତି। ପ୍ରଥମେ ସୁସ୍ଥ ଜୀବନ ଯାପନ ଓ ସମାଜ ପାଇଁ ସୁସ୍ଥ ପରିବେଶ ସୁସ୍ଥ ଶରୀର, ସୁସ୍ଥ ମାନସିକତାର ଆବଶ୍ୟକତା ରହିଛି। ବିଭିନ୍ନ ବିଭାଗରୁ ଆସିଥିବା ଅତିଥିମାନେ ନିଜ ନିଜ ବିଭାଗରେ ଜିଲାର ବିକାଶ ପାଇଁ କି ପଦକ୍ଷେପ ନେଇଛନ୍ତି, ଛାତ୍ରୀଛାତ୍ରମାନେ ସେମାନଙ୍କ ଶିକ୍ଷା ଶେଷ କଲା ପରେ କେବଳ ଚାକିରି କ୍ଷେତ୍ରକୁ ଆଶା ନ କରି ବିଭିନ୍ନ ଶିଳ୍ପ, କୃଷି, ମାଛଚାଷ ଇତ୍ୟାଦିରେ ଶିକ୍ଷା ଗ୍ରହଣ କରିଥିବା ନିଜର ବୈଷୟିକ ଜ୍ଞାନ ପ୍ରୟୋଗ କରି ଆଗାମୀ ଦିନରେ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ପରିବର୍ଦ୍ଧିତ ଜଳବାୟୁ ପରିବେଶକୁ କିପରି ନଷ୍ଟ କରୁଛି ଏବଂ ତା'ର ନିରାକରଣ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଚିନ୍ତା କରିବା ଉଚିତ। ପରେ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ମହାରଣା ପରିଚାଳନା କରିଥିଲେ।

## ଗ୍ରାମ ଦେବୀ ମାଁ ଗାଙ୍ଗମା ମନ୍ଦିର ପୁନରୁଦ୍ଧାର ନେଇ ପ୍ରସ୍ତୁତି ବୈଠକ

ପଟ୍ଟାଙ୍ଗି, ୧୬।୯(ଶରତ ଧଳ)–

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମାଁ ଗାଙ୍ଗମାଙ୍କ ମନ୍ଦିର ହେଉଛି ଏକ ପୁରାତନ ମନ୍ଦିର। ଉକ୍ତ ମନ୍ଦିର ମରାମତି ଅଭାବରୁ ଏକ ପ୍ରକାର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର ସକାଶେ ବ୍ଲକ ସଦର ମହକୁମା ଗ୍ରାମବାସୀ ଓ ଆଖପାଖ ୯ ଖଣ୍ଡ ଗ୍ରାମର ଗ୍ରାମବାସୀ ବିଗତ ଦିନରେ କୋରାପୁଟ ଜିଲା ଗସ୍ତରେ ଆସିଥିବା ୫-ଟି ସଚିବ ଭିକେ ପଣ୍ଡିଆନଙ୍କୁ ସାକ୍ଷାତ କରି ମନ୍ଦିର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହାକୁ ହୃଦୟଙ୍ଗମ କରି ମନ୍ଦିର ନିର୍ମାଣ ଲାଗି ସେ ୩କୋଟି ଟଙ୍କା ଅର୍ଥ ମଞ୍ଜୁର କରିଥିଲେ। ଉକ୍ତ ଅର୍ଥକୁ ନେଇ ଜିଲା ସ୍ତରରେ ଟେଣ୍ଡର ପ୍ରକ୍ରିୟା ଇତି ମଧ୍ୟରେ ସରିଛି। କୋରାପୁଟ ନିକଟସ୍ଥ ଡୁମୁରିପୁଟ ଗ୍ରାମର ଜଣେ ଠିକାଦାର ଟେଣ୍ଡର ପାଇଛନ୍ତି। କିଭଳି ଭାବେ ମନ୍ଦିର ନିର୍ମାଣ ହେବ ଏହାକୁ ନେଇ ଶନିବାର ସନ୍ଧ୍ୟାରେ ମିନି ଷ୍ଟାଡିୟମରେ ୯ ଖଣ୍ଡ ଗ୍ରାମର ମୁଖିଆ ଓ ବ୍ଲକର ଭଦ୍ରବ୍ୟକ୍ତିମାନଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ମନ୍ଦିର ନିର୍ମାଣ ସମ୍ପର୍କରେ ବିଭିନ୍ନ ଆଲୋଚନା ହୋଇ ଆସନ୍ତା ରବିବାର ଏକ ଟ୍ରଷ୍ଟ ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ନିର୍ମାଣ କାର୍ଯ୍ୟରେ ହେବାକୁ ଥିବା କାରୁକଳା କାର୍ଯ୍ୟ ପାଇଁ ଇତି ମଧ୍ୟରେ ଜାତୀୟ ପୁରସ୍କାର ପ୍ରାପ୍ତ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଭାଇ ଓ ତାଙ୍କ ନାତି ପୁରୀ ଜିଲା ଉତ୍ତରା ଅଞ୍ଚଳରୁ ଆସି କାରୁକଳା କାର୍ଯ୍ୟର ନକ୍ସା ଦେବେ ବୋଲି ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରା ଯାଇଥିଲା।

# ଭଙ୍ଗାଘରେ ପିଲାଙ୍କ ଭବିଷ୍ୟତ ଗଢ଼ା



ଚିତ୍ରକୋଣ୍ଡା,୧୬।୯(କ୍ଷୀରୋଦ ବେହେରା)

## ଚିତ୍ରକୋଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ

ସଭିଏ ପଢ଼ନ୍ତୁ ସଭିଏ ବଢ଼ନ୍ତୁ ନାରା ଦେଇ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ଶିକ୍ଷା ଓ ଏହାର ଭିତ୍ତିଭୂମି ବିକାଶ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଜି ବି ଅବହେଳିତ ଅବସ୍ଥାରେ ରହିଛି। ୧୯୬୪ରେ ସ୍ଥାପିତ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ୪୬୨ ଛାତ୍ରୀଛାତ୍ର ଦୟନୀୟ ଅବସ୍ଥାରେ ପଢୁଛନ୍ତି। ସବୁଠାରୁ ବଡ଼ ଦୁର୍ଦ୍ଦଶା ବର୍ଷାଦିନେ ହୁଏ। ପିଲାମାନେ ଓ ଶିକ୍ଷକ ଶ୍ରେଣୀଗୃହରୁ ମିଳିମିଶି ପାଣି ସଫା, ପୋଛା ଇତ୍ୟାଦି କରିବା ପରେ ଆରମ୍ଭ ହୁଏ ପାଠପଢ଼ା। ହେଲେ ଯେଉଁ ଶ୍ରେଣୀଗୃହରେ ପିଲାଙ୍କ ପାଠପଢା ଚାଲିଛି ସେଠାର ଅବସ୍ଥା ନ କହିବା ଭଲ। ଦୁଇଟି ଶ୍ରେଣୀର ପିଲାଙ୍କୁ ଗୋଟିଏ ରୁମ୍‌ରେ ପଢ଼ା ହେଉଛି। ଗୋଟିଏ କୋଠରିରେ ପଛକରି ପଢୁଛନ୍ତି ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର। ଗୋଟିଏ ଶ୍ରେଣୀ ପିଲାଙ୍କୁ ସାର୍ ପଢ଼ାଉଥିବା ବେଳେ ଅନ୍ୟ ଶ୍ରେଣୀ ପିଲାଙ୍କୁ ଜଣେ ଦିଦି ପଢ଼ାଉଛନ୍ତି । ଏବେ ଏପରି ଶ୍ରେଣୀ କୋଠରି ଅବସ୍ଥା। ସୂର୍ଯ୍ୟ, ଚନ୍ଦ୍ର ଦେଖା ଯାଉଛନ୍ତି । ଶ୍ରେଣୀ କୋଠରିର ଟିଣ ସବୁ କଣା ହୋଇଯାଇଥିବାରୁ ବର୍ଷା ହେଲେ ପିଲାଙ୍କ ପଢିବା ଲାଗି ଅସୁବିଧା ହୁଏ । ପାନୀୟ ଜଳ କହିଲେ ୪୬୨ପିଲାଙ୍କ ପାଇଁ ରହିଛି ଗୋଟିଏ ନଳକୂପ। ଜାନୁୟାରୀ ଓ ଫେବୃୟାରୀରେ ସେଥିରୁ ପାଣି ବାହାରେ ନାହିଁ। କାରଣ ପ୍ରବଳ ଖରାରେ ଜଳସ୍ତର କମିଯାଏ। ଶୌଚାଳୟ ନ ଥିବାରୁ ପିଲାମାନେ ରାସ୍ତାକଡ଼କୁ ପରିସ୍ରା ପାଇଁ ଯାଇଥାନ୍ତି। ଏ ନେଇ ଶିକ୍ଷା ଅଧିକାରୀଠାରୁ ଆରମ୍ଭକରି ଜିଲାପାଳଙ୍କ ଯାଏ ଅଭିଯୋଗ କରାଯାଇଛି। କିନ୍ତୁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ କହିଛନ୍ତି। ବିଦ୍ୟାଳୟଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିପ୍ରତି ଦୃଷ୍ଟିଦେବାକୁ ଚିତ୍ରକୋଣ୍ଡାବାସୀ ଦାବି କରିଛନ୍ତି।

# ରବି ଫସଲ ପାଇଁ ମାଗଣା ବିହନ ଯୋଗାଇବାକୁ ଦାବିପତ୍ର

ମାଲକାନଗିରି,୧୬।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିର ସ୍ଥାୟୀ ଲୋକ ସଂଗଠନ ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ ସଭ୍ୟାସଭ୍ୟଙ୍କ ଦ୍ୱାରା ବିଧାୟକ ଆଦିତ୍ୟ ମାଢ଼ୀ ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ଭେଟି ଲୋକ ସଂଗଠନ ଦ୍ୱାରା କାର୍ଯ୍ୟରତ କୃଷି କ୍ରାନ୍ତି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ରବି ଫସଲକୁ


ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଦୃଷ୍ଟିରେ ରଖି କିପରି ସରକାରଙ୍କ ଦ୍ୱାରା ଅକ୍ଟୋବର ୧୫ ପୂର୍ବରୁ ଉତ୍ତମ ବିହନ ସ୍ଥାନୀୟ ଚାଷୀଙ୍କୁ ମାଗଣାରେ ଯୋଗାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ମାଲକାନଗିରି ଲୋକ ସଂଗଠନ ଶ୍ରମଜୀବୀ ସଂଗଠନ ତରଫରୁ ସୀତାରାମ ଦୁରୁଆ, ଶ୍ରୀନୁ ସାଲବାମ, ଚିତ୍ତରଞ୍ଜନ ସାହୁ, ସାଲିନା ପାଙ୍ଗୀ, ରାମ ବଡ଼ନାୟକ, ତ୍ରିନାଥ ବଡ଼ନାୟକ ଓ ଗୋବର୍ଦ୍ଧନ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# କର୍ମକ୍ଷେତ୍ରରେ ଯୌନ ନିର୍ଯାତନା

## ଆଇନ ସମ୍ପର୍କରେ ସଚେତନତା

ମାଲକାନଗିରି,୧୬।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗରି ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଜଜ୍‌ଙ୍କ ଅଧ୍ୟକ୍ଷତାରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବିଚାରପତି ଏବଂ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ରାକେଶ କୁମାର ମୁଦୁଲି ସ୍ୱାଗତ ଭାଷଣ ଦେବା ସହ ଉକ୍ତ ଆଇନରେ ଥିବା ବିଭିନ୍ନ ପ୍ରାବଧାନ ଉପରେ ଆଲୋକପାତ କରିଥିଲେ। ଜିଲା ଜଜ୍ ଅଯନ୍ତା ଷଡ଼ଙ୍ଗୀ ଏହି ଆଇନକୁ ଜିଲାର ସମସ୍ତ ନ୍ୟାୟାଳୟ ଯେପରି ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ଉଦୟଭାନୁ ଜେନା, ସିନିୟର ସିଭିଲ ଜଜ୍ ବିଜୟ କୁମାର ଦାସ, ସିନିୟର ସିଭିଲ ଜଜ୍ (ମହିଳା କୋର୍ଟ) ବବିତା ଦାସ, ରେଜିଷ୍ଟ୍ରାର ଅରୂପ ପଟ୍ଟନାୟକ, ଏସ୍‌ଡିଜେଏମ୍ ରୁଦ୍ର ପ୍ରକାଶ ନାୟକ, କୋରୁକୋଣ୍ଡା ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, କୁଡୁମୁଲୁଗୁମ୍ମା ଜେଏମ୍‌ଏଫ୍‌ସି ସୁମନ୍ତ ପଟ୍ଟନାୟକ, ମାଥଇଲି ଜେଏମ୍‌ଏଫ୍‌ସି ପଦ୍ମନାଭ ମାଝି ପ୍ରମୁଖ ଉପସ୍ଥିତ ଥିଲେ । ରେଜିଷ୍ଟ୍ରାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରଥିଲେ।


ବିଚାରପତିମାନେ ଆଇନ ସଚେତନତା ସମ୍ପର୍କରେ ଆଲୋଚନା କରୁଛନ୍ତି ।

# ବଣ୍ଡାଘାଟି ଛାତ୍ରୀଛାତ୍ରଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷାର ଶୁଭାରମ୍ଭ

ମାଲକାନଗିରି, ୧୬।୯ (ଦୁର୍ଯ୍ୟୋଧନ ପାତ୍ର)

ଆଦିମ ଜନଜାତି ଭାବେ ପରିଚିତ ବଣ୍ଡା ସମ୍ପ୍ରଦାୟ ଶିକ୍ଷାରୁ ବହୁ ପଛରେ ଥିବା ବେଳେ ମାଓବାଦୀପ୍ରବଣ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଏମାନେ ମାଓବାଦୀଙ୍କ ନିର୍ଯାତନାର ଶିକାର ହୋଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଏମାନଙ୍କ ପାଇଁ ସାତସପନ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ପ୍ରଥମେ ମାଓବାଦୀ ଦମନ କରିବା ସହ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ରାସ୍ତା ନିର୍ମାଣ ହେଲା । ବର୍ତ୍ତମାନ ଏହି ଅଞ୍ଚଳରେ ଆଦିମ ବଣ୍ଡା ଜନଜାତିଙ୍କୁ ବୈଷୟିକ ଶିକ୍ଷା ତାଲିମ ଦେବା ପାଇଁ ଏସ୍‌ପି ନୀତେଶ୍ ବାଧ୍ୱାନୀଙ୍କ ତତ୍ତ୍ୱାବଧାନରେ ଖଇରପୁଟ ବ୍ଲକ ମୁଦୁଲିପଡ଼ା ପଞ୍ଚାୟତ ଗୋଦାମ


କମ୍ପ୍ୟୁଟର କେନ୍ଦ୍ରକୁ ଏସ୍‌ପି ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି ।

ଗୃହରେ କମ୍ପ୍ୟୁଟର ବୈଷୟିକ ଶିକ୍ଷା କେନ୍ଦ୍ରକୁ ଶନିବାର ଉଦ୍‌ଘାଟନ କରିଥିଲେ। ଏହି ଅଞ୍ଚଳର ପ୍ରାୟ ୧୦ କମ୍ପ୍ୟୁଟର ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ଜିଓ ନେଟ୍‌ୱର୍କ ଆସିବା ପରେ ୱାଇଫାଇ କାର୍ଯ୍ୟକାରୀ ହେବ ବୋଲି ଏସ୍‌ପି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦ ଜଣ ବିଦ୍ୟାର୍ଥୀଙ୍କୁ ଏହି କମ୍ପ୍ୟୁଟର ତାଲିମ ମାଗଣାରେ ଯୋଗାଇ ଦିଆଯାଉଥିବା ବେଳେ ଆଗାମୀ ଦିନରେ ଆହୁରି ୧୦ଟି କମ୍ପ୍ୟୁଟର ପ୍ରଦାନ କରାଯିବ । ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକଙ୍କୁ କମ୍ପ୍ୟୁଟର ମାଧ୍ୟମରେ ତାଲିମ ଶିକ୍ଷା ଦିଆଯିବ। ତେବେ ପୂର୍ବରୁ ଯୁବପିଢି ଅଗଣତାନ୍ତ୍ରିକ ସଂଗଠନ ଦ୍ୱାରା ପଥଭ୍ରଷ୍ଟ ହେଉଥିଲେ । ସେହି ପଥଭ୍ରଷ୍ଟ ଯୁବତୀ ଯୁବକଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଇଥିବା ଏସ୍‌ପି କହିଥିଲେ।

